# NATIONAL NEWS BULLETIN (ODIA)

## 7 October - 2023

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ୫୨ତମ ଜି.ଏସ୍.ଟି. ପରିଷଦ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି ।
- ବିମାନ ବାହିନୀ ମୁଖ୍ୟ ଭି.ଆର୍. ଚୌଧୁରୀ ଆସନ୍ତାକାଲି ବିମାନ ବାହିନୀ ଦିବସ ଅବସରରେ ଏହାର  ନୂଆ ନିଶାନକୁ ଉନ୍ମୋଚନ କରିବେ ।
- କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି, ଭାରତ ବିଶ୍ୱର ଚିକିତ୍ସା ବୈଷୟିକଜ୍ଞାନ ଓ ଚିକିତ୍ସା ଯନ୍ତ୍ରପାତି କ୍ଷେତ୍ରରେ ଏକ ମୁଖ୍ୟ କେନ୍ଦ୍ର ହେବାକୁ ଯାଉଛି ।
- ସିକିମ୍ ଆକସ୍ମିକ ବନ୍ୟାରେ ମୃତ୍ୟୁ ସଂଖ୍ୟା ୩୦ରେ ପହଞ୍ଚିଛି ।

ଏବଂ

- ଏସୀୟ କ୍ରୀଡ଼ାରେ ଭାରତ ଏ ପର୍ଯ୍ୟନ୍ତ ୧୦୭ଟି ପଦକ ହାସଲ କରିଛି ।

# ଜିଏସ୍‌ଟି କାଉନ୍‌ସିଲ୍ ମିଟିଂ

୫୨ତମ ଜି.ଏସ୍.ଟି. ପରିଷଦ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୈଠକରେ ଅଧ୍ୟକ୍ଷତା କରିଥିଲେ । ସେଥିରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଓ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ଅର୍ଥମନ୍ତ୍ରୀମାନେ ଅଂଶଗ୍ରହଣ କରିଥିଲେ । ବୈଠକ ଶେଷରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ଜି.ଏସ୍.ଟି.  ଆପେଲେଟ୍ ଟ୍ରିବ୍ୟୁନାଲ୍ ଉପରେ ପରିଷଦରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ତରଳ ଗୁଡ଼ ଉପରୁ ଜି.ଏସ୍.ଟି. ହାର ଶତକଡ଼ା ୨୮ ଭାଗରୁ ଶତକଡ଼ା ୫ ଭାଗକୁ ହ୍ରାସ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିରୁ ଆଖୁ ଚାଷୀମାନେ ଉପକୃତ ହେବେ । ଅର୍ଥମନ୍ତ୍ରୀ କହିଛନ୍ତି, ଶତକଡ଼ା ୭୦ ଭାଗ ବାଜରା ଥିବା ଅଟା ଉପରେ ଜି.ଏସ୍.ଟି. ଲାଗୁ ହେବ ନାହିଁ । ସେ କହିଛନ୍ତି, ତାହା ଯଦି ପ୍ୟାକେଟ୍ କିମ୍ବା ବ୍ରାଣ୍ଡ ନାମରେ ବିକ୍ରି ହେବ ତେବେ ତାହା ଉପରେ ଶତକଡ଼ା ୫ ଭାଗ ଜି.ଏସ୍.ଟି. ଲାଗୁ ହେବ । ଜି.ଏସ୍.ଟି. ଆପେଲେଟ୍ ଟ୍ରିବ୍ୟୁନାଲ୍‌ରେ ସଂଶୋଧନ ସମ୍ବନ୍ଧରେ ସେ କହିଛନ୍ତି, ଏହାର ପ୍ରେସିଡେଣ୍ଟଙ୍କର ସର୍ବାଧିକ ବୟସସୀମା ୭୦ ବର୍ଷ ପର୍ଯ୍ୟନ୍ତ ରଖାଯିବ ଓ ସଦସ୍ୟମାନଙ୍କର ବୟସସୀମା ସର୍ବାଧିକ ୬୭ ବର୍ଷ ପର୍ଯ୍ୟନ୍ତ ରଖାଯିବ । ଅର୍ଥମନ୍ତ୍ରୀ କହିଛନ୍ତି, ଜି.ଏସ୍.ଟି. ପରିଷଦ ଏକ୍ସଟ୍ରା ନ୍ୟୁଟ୍ରାଲ୍ ଆଲ୍‌କହଲ୍ ଉପରେ ଟିକସ ଲାଗୁ କରିବା ଅଧିକାର ପରିତ୍ୟାଗ କରିଛି । ଜି.ଏସ୍.ଟି. ପରିଷଦ ମାନବିକ ବ୍ୟବହାର ପାଇଁ ମାଦକଦ୍ରବ୍ୟର

ଉତ୍ପାଦନକୁ ଜି.ଏସ୍.ଟି.ର ପରିସର ବାହାରେ ରଖିବାକୁ ସୁପାରିଶ କରିଛି । ଏଥିପାଇଁ ଲ' କମିଟି ଉପଯୁକ୍ତ ସଂଶୋଧନର ପରୀକ୍ଷାନିରୀକ୍ଷା କରିବେ ।

## ଆଇଏଏଫ୍-ଏନ୍‌ସାଇନ୍‌ଂ

ବିମାନ ବାହିନୀ ମୁଖ୍ୟ ଭି.ଆର୍. ଚୌଧୁରୀ ଆସନ୍ତାକାଲି ବିମାନ ବାହିନୀ ଦିବସ ଅବସରରେ ଭାରତୀୟ ବିମାନ ବାହିନୀର ନୂଆ ନିଶାନକୁ ଉନ୍ମୋଚନ କରିବେ । ବିମାନ ବାହିନୀ କହିଛି, ଏକ ନୂଆ ନିଶାନ ସୃଷ୍ଟି କରାଯାଇଛି । ଏଥିରେ ବିମାନ ବାହିନୀର ମୂଲ୍ୟବୋଧ ଗୁଡ଼ିକର ପ୍ରତିଫଳନ ହେବ । ସେହି ନିଶାନ ମଧ୍ୟରେ ବିମାନ ବାହିନୀର ଚୂଡ଼ାକୁ ଅନ୍ତର୍ଭୁକ୍ତ କରାଯିବ । ଏହାକୁ ନିଶାନର ଦକ୍ଷିଣ ପଟର ଉପରିସ୍ଥ ଭାଗରେ ରଖାଯିବ । ବିମାନ ବାହିନୀ ଚୂଡ଼ାରେ ଜାତୀୟ ଚିହ୍ନ ଅଶୋକ ସିଂହ ଶୀର୍ଷରେ ଥାଇ ଦେବନଗରୀ ଭାଷାରେ ସତ୍ୟମେବ ଜୟତେ ରହିଛି । ଅଶୋକ ସିଂହ ତଳକୁ ହିମାଳୟ ଛଞ୍ଚାଣର ଚିହ୍ନ ରହିଛି, ସେଥିରେ ଛଞ୍ଚାଣର ଡେଣା ଉନ୍ମୁକ୍ତ ରହିଛି । ଯାହା ବିମାନ ବାହିନୀର ଲଢୁଆ କ୍ଷମତାର ପ୍ରଦର୍ଶନ କରେ । ହିମାଳୟ ଛଞ୍ଚାଣ ଚର୍ତୁପାର୍ଶ୍ୱରେ ହାଲକା ନୀଳରଙ୍ଗର ଗୋଲାକାର ବୃତ୍ତ ରହିଛି । ସେଥିରେ ଭାରତୀୟ ବାୟୁ ସେନା ଲେଖା ଯାଇଛି । ଭାରତୀୟ ବିମାନ ବାହିନୀର ମନ୍ତ୍ର 'ନଭହ-ସ୍ୱର୍ଶମ୍ ଦିପ୍ତମ୍' ହିମାଳୟ ଛଞ୍ଚାଣ ତଳକୁ ଦେବନଗରୀ ଭାଷାରେ ଖୋଦିତ ହୋଇଛି ।

ସ୍ୱାଧୀନତା ପରେ ଭାରତୀୟ ବିମାନ ବାହିନୀର ନିଶାନକୁ ବଦଳା ଯାଇଥିଲା ।

## ଜିତେନ୍ଦ୍ର ସିଂହ କାହୋଟେକ୍

କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି, ଭାରତ ବିଶ୍ୱର ଚିକିତ୍ସା ବୈଷୟିକଜ୍ଞାନ ଓ ଚିକିତ୍ସା ଯନ୍ତ୍ରପାତି କ୍ଷେତ୍ରରେ ଏକ ମୁଖ୍ୟ କେନ୍ଦ୍ର ହେବାକୁ ଯାଉଛି । ୨୦୫୦ ସୁଦ୍ଧା ଏହା ୫ହଜାର କୋଟି ଡଲାରରେ ପହଞ୍ଚିବ । ବର୍ତ୍ତମାନ ଏହା ୧୧ଶହ କୋଟି ଡଲାର ମଧ୍ୟରେ ରହିଛି । ଅଷ୍ଟମ ବାର୍ଷିକ ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ବୈଷୟିକଜ୍ଞାନ ସମ୍ମିଳନୀ – **CAHOTECH**ରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ନୂଆଦିଲ୍ଲୀରେ କନ୍‌ସର୍ଟିୟମ୍ ଅଫ୍ ଆକ୍ରେଡିଟେଡ୍ ହେଲ୍‌ଥ କେୟାର୍ ଅର୍ଗାନାଇଜେସନ୍ସ ଦ୍ୱାରା ଏହାର ଆୟୋଜନ କରାଯାଇଛି । ମନ୍ତ୍ରୀ କହିଛନ୍ତି, ଭାରତ ବିଶ୍ୱର ୫ଟି ପ୍ରମୁଖ ଚିକିତ୍ସା ସାମଗ୍ରୀ ଉତ୍ପାଦନକାରୀ ରାଷ୍ଟ୍ର ମଧ୍ୟରେ ରହିଛି । ଭାରତ ଶସ୍ତା ମୂଲ୍ୟରେ ଏହିସବୁ ପଦାର୍ଥର ଉତ୍ପାଦନ କରୁଛି । ସେ କହିଛନ୍ତି, ଆଗାମୀ ୨୫ ବର୍ଷ ମଧ୍ୟରେ ଭାରତ ଏହାର ମାର୍କେଟ୍ ସେୟାର୍ ଶତକଡ଼ା ୧୦ରୁ ୧୨ ଭାଗ ପର୍ଯ୍ୟନ୍ତ ବୃଦ୍ଧି କରିବ । ସେ କହିଛନ୍ତି, ଜାତୀୟ ଚିକିତ୍ସା ସାମଗ୍ରୀ ନୀତି ୨୦୨୩ର ପ୍ରଣୟନ ଓ ଚିକିତ୍ସା ସାମଗ୍ରୀ ସଂକ୍ରାନ୍ତ ରପ୍ତାନୀ ବିକାଶ ପରିଷଦର ଗଠନ ଭାରତକୁ ବିଶ୍ୱରେ ଚିକିତ୍ସା ସାମଗ୍ରୀର ମୁଖ୍ୟ କେନ୍ଦ୍ରରେ ପରିଣତ କରିବାକୁ ଉଦ୍ଦିଷ୍ଟ ।

## ପିଏମ୍ ଇସ୍ରାଏଲ୍ ଆଟାକ୍

ଇସ୍ରାଏଲ୍‌ରେ ହୋଇଥିବା ସନ୍ତ୍ରାସବାଦୀ ଆକ୍ରମଣର ଖବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ ପୋଷ୍ଟ କରି କହିଛନ୍ତି, ଇସ୍ରାଏଲ୍ ସନ୍ତ୍ରାସବାଦୀ ଆକ୍ରମଣରେ ପିଡ଼ିତ ଏବଂ ସେମାନଙ୍କ ପରିବାର ସହ ଭାରତର ପ୍ରାର୍ଥନା ରହିଛି । ଏହି କଷ୍ଟଦାୟକ ସମୟରେ ଭାରତ ଇସ୍ରାଏଲ୍ ସହ ଏକାଠି ଛିଡ଼ା ହୋଇଛି ।

## କୋଷ୍ଟଗାର୍ଡ

ଭାରତୀୟ ତଟରକ୍ଷୀ ବାହିନୀର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ୧୦ ଜଣ ମତ୍ସ୍ୟଜୀବୀ ସୁରକ୍ଷିତ ଭାବରେ ରାମେଶ୍ୱରମ୍ ତଟରୁ ଉଦ୍ଧାର ହୋଇଛନ୍ତି । ମତ୍ସ୍ୟଜୀବୀମାନେ ଏକ ଇଞ୍ଜିନ୍ ଚାଳିତ ଡଙ୍ଗାରେ ସମୁଦ୍ର ମଧ୍ୟକୁ ଯାଇଥିବା ବେଳେ ଇଞ୍ଜିନ୍‌ଟି ଆକାମୀ ହୋଇପଡ଼ିବାରୁ ଡଙ୍ଗା ଭିତରେ ପାଣି ପସିଯାଇଥିଲା । ଖବର ପାଇ ତଟରକ୍ଷୀ ବାହିନୀ ସି-୪୩୨ ସାହାଯ୍ୟରେ  ସେଠାରେ ପହଞ୍ଚି ସୁରକ୍ଷିତ ଭାବରେ ସେମାନଙ୍କୁ ଉଦ୍ଧାର କରିଥିଲେ । ନାଗପଟିନମ୍‌ର ନବୁର ବନ୍ଦରଗାହ ଠାରୁ ୫ ତାରିଖରୁ ଏହି

ଡଙ୍ଗାଟି ସମୁଦ୍ର ମଧ୍ୟକୁ ଯାଇଥିଲା । ମତ୍ସ୍ୟଜୀବୀମାନଙ୍କୁ ରାମେଶ୍ୱରମ୍ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି ।

## ରାଜନାଥ-ସିକିମ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସିକିମ୍ ଆକସ୍ମିକ ବନ୍ୟାରେ ଲୋକମାନଙ୍କର ଜୀବନହାନୀ ଘଟିଥିବାରୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ସିକିମ୍ ଆକସ୍ମିକ ବନ୍ୟାରେ ୯ ଜଣ ସେନାବାହିନୀ ଯବାନଙ୍କ ସମେତ ୩୦ ଜଣ ଲୋକ ପ୍ରାଣ ହରାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ସିଂହ କହିଛନ୍ତି, ନିଖୋଜ ହୋଇଯାଇଥିବା ୨୩ ଜଣ ଯବାନଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୯ ଜଣ ସୈନିକଙ୍କର ମର ଶରୀର ଠାବ କରାଯାଇଛି । ସେ କହିଛନ୍ତି, ସେମାନଙ୍କର ଏହି ବଳିଦାନ ସର୍ବଦା ସ୍ମରଣୀୟ ହୋଇ ରହିବ । ପ୍ରତିରକ୍ଷା ମନ୍ତ୍ରୀ ପୁଣି କହିଛନ୍ତି, ଅବଶିଷ୍ଟ ୧୪ ଜଣ ଯବାନଙ୍କୁ ଉଦ୍ଧାର କରିବା ପାଇଁ ଖୋଜାଖୋଜି ଜାରି ରହିଛି ।

## ସିକିମ୍-ଏମ୍ଓଏସ୍ ଏମ୍ଏଚ୍ଏ

ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ରା ଆଜି ସିକିମ୍ ମୁଖ୍ୟ ସଚିବ, ସିକିମ୍ର ବିଭିନ୍ନ ବିଭାଗ, ସେନାବାହିନୀ, ଆଇ.ଟି.ବି.ପି.,

ବି.ଆର୍.ଓ., ଏନ୍.ଏଚ୍.ଆଇ.ଡି.ସି.ଏଲ୍. ଓ ଏନ୍.ଏଚ୍.ପି.ସି. ସହ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ସେହି ବୈଠକ ଗ୍ୟାଙ୍ଗଟକ୍ ସ୍ଥିତ ସଚିବାଳୟରେ ଅନୁଷ୍ଠିତ ହୋଇଛି । ବୈଠକରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, କେନ୍ଦ୍ର ସରକାର ସିକିମ୍ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଓ ରାଜ୍ୟକୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯାଉଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ମଧ୍ୟ ସିକିମ୍ ମୁଖ୍ୟମନ୍ତ୍ରୀଙ୍କ ସହ ଯୋଗାଯୋଗ ରଖିଛନ୍ତି । ଶ୍ରୀ ମିଶ୍ରା କହିଛନ୍ତି, କେନ୍ଦ୍ର ସରକାର ଏକ ଆନ୍ତଃ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରିଛନ୍ତି, ଯେଉଁଥିରେ କୃଷି, ସଡ଼କ ପରିବହନ ଓ ରାଜପଥ, ଜଳଶକ୍ତି, ଶକ୍ତି ଓ ଅର୍ଥ ମନ୍ତ୍ରଣାଳୟ ଭଳି ୫ଟି ମନ୍ତ୍ରଣାଳୟର ଅଫିସର୍‌ମାନେ ରହିଛନ୍ତି । ସେହି କମିଟି ଆସନ୍ତାକାଲି ସିକିମ୍ ଗସ୍ତ କରି ମୂଳ ପରିସ୍ଥିତିର ସମୀକ୍ଷା କରିବେ ଓ କ୍ଷୟକ୍ଷତିର ଆକଳନ କରିବେ । ଶ୍ରୀ ମିଶ୍ରା କହିଛନ୍ତି, କେନ୍ଦ୍ର ସରକାର ଏନ୍.ଡି.ଆର୍.ଏଫ୍. ଓ ଏସ୍.ଡି.ଆର୍.ଏଫ୍. ପାଇଁ ଆଗୁଆ ଏକ ବଜେଟ୍ ଅର୍ଥ ପ୍ରଦାନ କରିଛନ୍ତି । ତାହାକୁ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ଖର୍ଚ୍ଚ କରାଯିବ । ସିକିମ୍‌ରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ସରକାର ସବୁ ପ୍ରକାର ଉଦ୍ୟମ କରିବେ ବୋଲି ଶ୍ରୀ ମିଶ୍ରା ଜଣାଇଛନ୍ତି । ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ମୌଳିକ ଢାଞ୍ଚାର ନିର୍ମାଣ ପାଇଁ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ଯୋଜନା ସକାଶେ ସେ ଅନୁରୋଧ କରିଛନ୍ତି । ପୂର୍ବରୁ ସିକିମ୍ ମୁଖ୍ୟ ସଚିବ ଭି.ବି. ପାଠକ ଶ୍ରୀ ମିଶ୍ରାଙ୍କୁ ଦୁର୍ବିପାକ ସମ୍ବନ୍ଧୀୟ ଘଟଣାବଳୀ ଉପରେ ସବିସ୍ତୃତ ତଥ୍ୟ ଦେଇଥିଲେ ।  ପୂର୍ବରୁ ଶ୍ରୀ ମିଶ୍ରା

ସିକିମ୍ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କୁ ଗ୍ୟାଙ୍ଗଟକ୍ ସ୍ଥିତ ରାଜଭବନଠାରେ ସାକ୍ଷାତ କରିଥିଲେ ।

## ଏସିଆନ୍ ଗେମ୍ସ

ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟା ୧୦୭ରେ ପହଞ୍ଚିଛି । ତାହା ମଧ୍ୟରେ ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଓ ୪୧ଟି ବ୍ରୋଞ୍ଜ ପଦକ ରହିଛି । ପ୍ରଥମଥର ପାଇଁ ଭାରତ ଏସୀୟ କ୍ରୀଡ଼ାରେ ୧୦୦ରୁ ଅଧିକ ପଦକ ହାସଲ କରିଛି । ଅଲିମ୍ପିକ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସୀୟ କ୍ରୀଡ଼ା ଭଳି ତିନୋଟି ମୁଖ୍ୟ କ୍ରୀଡ଼ା କାର୍ଯ୍ୟକ୍ରମରେ ଭାରତ ପ୍ରଥମଥର ପାଇଁ ୧୦୦ରୁ ଅଧିକ ପଦକ ପାଇଛି । ୨୦୧୦ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତ ୧୦୧ଟି ପଦକ ପାଇଥିଲା । ଏସୀୟ କ୍ରୀଡ଼ାରେ ସର୍ବଶେଷ ସ୍ୱର୍ଣ୍ଣ ପଦକ ପୁରୁଷ କବାଡ଼ି ଟିମ୍ ପାଇଛି । ଭାରତୀୟ ପୁରୁଷ କବାଡ଼ି ଟିମ୍ ଇରାନ୍ ବିପକ୍ଷରେ ପ୍ରତିଯୋଗୀତାରେ ୩୩-୨୯ରେ ବିଜୟୀ ହୋଇଛନ୍ତି । ପୁରୁଷ କ୍ରିକେଟ୍ ଟିମ୍ ମଧ୍ୟ ଆଫ୍‌ଗାନିସ୍ତାନ ବିପକ୍ଷରେ ମ୍ୟାଚ୍‌ରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛି । ବର୍ଷା ଯୋଗୁଁ ସେହି ଖେଳ ବାତିଲ ହୋଇଥିଲା । ଭାରତୀୟ ପୁରୁଷ ଓ ମହିଳା ଚେସ୍ ଟିମ୍ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । କୁସ୍ତିରେ ଦୀପକ ପୁନିଆ ୮୬ କିଲୋଗ୍ରାମ୍ ଫ୍ରିଷ୍ଟାଇଲ୍

ବର୍ଗରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ମହିଳା ହକିରେ ଭାରତୀୟ ଦଳ ଜାପାନକୁ ୨-୧ରେ ହରାଇ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି ।

ଚିରାଗ ସେଟୀ ଓ ସାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ପ୍ରଥମଥର ପାଇଁ ଏସୀୟ କ୍ରୀଡ଼ାରେ ଭାରତ ବ୍ୟାଡ୍‌ମିଣ୍ଟନ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି । ସେମାନେ କୋରିଆର ଚୋଇ ସୋଲ୍‌ଗ୍ୟୁ ଓ କିମ୍ ଓ୍ୱେନ୍-ହୋଙ୍କୁ ୨୧-୧୮ ଓ ୨୧-୧୬ରେ ପରାସ୍ତ କରିଛନ୍ତି । ଅନ୍ୟ ସ୍ୱର୍ଣ୍ଣ ପଦକ ଗୁଡ଼ିକ ମଧ୍ୟରେ ମହିଳା କବାଡ଼ି ଓ ପୁରୁଷ ବ୍ୟକ୍ତିଗତ ତୀରଚାଳନା କମ୍ପାଉଣ୍ଡ ପ୍ରତିଯୋଗୀତାରେ ମିଳିଛି । ଭାରତ ପଦକ ତାଲିକାରେ ଚତୁର୍ଥ ସ୍ଥାନରେ ଅଛି ।

## କ୍ରିକେଟ୍

ଧର୍ମଶାଳାଠାରେ ଖେଳାଯାଉଥିବା ଆଇ.ସି.ସି. ପୁରୁଷ କ୍ରିକେଟ୍ ବିଶ୍ୱକପ୍‌ର ଆଜିର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶ ଆଫ୍‌ଗାନିସ୍ତାନକୁ ୬ଉ୍ୱିକେଟ୍‌ରେ ପରାସ୍ତ କରିଛି । ୧୫୭ରନ୍ ପିଛା କରି ୩୪ ଓଭର୍ ୪ଟି ବଲ୍‌ରେ ବାଂଲାଦେଶ ୪ ଉ୍ୱିକେଟ୍ ହରାଇ ୧୫୮ରନ୍ ସଂଗ୍ରହ କରିଥିଲା । ପୂର୍ବରୁ ଆଫ୍‌ଗାନିସ୍ତାନ ବ୍ୟାଟିଂ କରି ୩୭ ଓଭର୍ ୨ଟି ବଲ୍‌ରେ ସମସ୍ତ ଉ୍ୱିକେଟ୍ ହରାଇ ୧୫୬ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଗୁରବାଜ୍

ସର୍ବାଧିକ ୪୭ରନ୍ ସଂଗ୍ରହ କରିଥିଲେ । ବାଂଲାଦେଶର ସକିବ୍ ଏବଂ ମେହିଦି ପ୍ରତ୍ୟେକ ୩ଟି ଓ୍ୱିକେଟ୍ ଲେଖାଏଁ ସଂଗ୍ରହ କରିଥିଲେ । ମେହିଦିଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୫ ଓ୍ୱିକେଟ୍ ହରାଇ ସର୍ବାଧିକ ୪୨୮ରନ୍ ସଂଗ୍ରହ କରିଛି । ଏକଦିବସୀୟ ବିଶ୍ୱକପ୍ କ୍ରିକେଟ୍‌ରେ ଏହା ସର୍ବାଧିକ ସ୍କୋର । ଶ୍ରୀଲଙ୍କା ସମ୍ମୁଖରେ ୪୨୯ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।